**ଦୁର୍ଘଟଣାରେ ଷଣ୍ଢ, ବାଇକ୍ ଚାଳକ ମୃତ**

ପବିତ୍ରନଗର,(ନିରୋଜ ପ୍ରଧାନ): କଣିହାଁ ବ୍ଲକ ରେଙ୍ଗାଳି ତାରିଣୀ ଛକ ନିକଟରେ ମଙ୍ଗଳବାର ବାଇକ୍ ଧକ୍କାରେ ଏକ ଷଣ୍ଢର ମୃତ୍ୟୁ ହୋଇଛି। ବାଇକ୍ ଆରୋହୀ ମଧ୍ୟ ପ୍ରାଣ ହରାଇଛନ୍ତି। ବାଇକ୍‌ରେ ବସିଥିବା ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ପଳାସବାହାଳୀ ଗାଁର ଗୋପୀନାଥ ସାହୁ (୨୨)। ଗୁରୁତର ସୁମନ ସାହୁ (୨୦) ଚିକିତ୍ସାଧୀନ ଅଛନ୍ତି। ସନ୍ଧ୍ୟାରେ ରେଙ୍ଗାଳି ପୋଲିସ ଓ କେତେଜଣ ସ୍ଥାନୀୟ ବ୍ୟକ୍ତିଙ୍କ ସହାୟତାରେ ଷଣ୍ଢର ମୃତଦେହକୁ ପୋତି ଦିଆଯାଇଛି।

# କଳା, ସଂସ୍କୃତିକୁ ସୁଦୃଢ଼ କରୁଛି ହିଙ୍ଗୁଳା ଲୋକ ମହୋତ୍ସବ



ଲୋକ ମହୋତ୍ସବର ୪ର୍ଥ ସନ୍ଧ୍ୟାକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

ତାଳଚେର,୧୫।୪(ମନୋଜ ନନ୍ଦ)

ତାଳଚେର ଗୋପାଳପ୍ରସାଦସ୍ଥିତ ହିଙ୍ଗୁଳା ପୀଠ ପରିସରରେ ଚାଲିଥିବା ଲୋକ ମହୋତ୍ସବର ଚତୁର୍ଥ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମା' ହିଙ୍ଗୁଳା ଠାକୁରାଣୀ ଟ୍ରଷ୍ଟ ବୋର୍ଡର ମ୍ୟାନେଜିଂ ଟ୍ରଷ୍ଟି ତଥା ତାଳଚେର ଉପଜିଲାପାଳ ସମୀର କୁମାର ଜେନା ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଏନ୍‌ଟିପିସି ମହାପ୍ରବନ୍ଧକ ଏସ୍.ଏସ୍.ଗିରି, ସମ୍ମାନିତ ଅତିଥି ଭାବେ ମାନବ ସମ୍ବଳ ଅଧିକାରୀ ସଞ୍ଜୀବ କୁମାର ସେନାପତି, ଜେଆଇଟିପିଏଲ୍‌ର ଉପସଭାପତି ଏସ୍. କେ. ବଂଶଲ, ସହ ଉପସଭାପତି ପ୍ରଭାତ ବିଶ୍ୱାଳ, ତାଳଚେର ସାର କାରଖାନାର ନିର୍ଦ୍ଦେଶକ ଶ୍ୟାମଳ ରାୟ ଓ ମୁଖ୍ୟ ପ୍ରବନ୍ଧକ ସୁମନ୍ତ ପ୍ରଧାନ ପ୍ରମୁଖ ଯୋଗଦାନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ଓଡ଼ିଶାର କଳା, ଭାସ୍କର୍ଯ୍ୟ ଓ ସଂସ୍କୃତିକୁ ବୃଦ୍ଧି କରାଇବାରେ ହିଙ୍ଗୁଳା ଲୋକ ମହୋତ୍ସବ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ବୋଲି ମତବ୍ୟକ୍ତ କରିଥିଲେ। ମଧ୍ୟପ୍ରଦେଶର ଲୋକଦର୍ପଣ ଅନୁଷ୍ଠାନର କଳାକାର, ଭୁବନେଶ୍ୱରର ନୂପୁର ଡ୍ୟାନ୍ସ ଏକାଡେମୀର କଳାକାର, ଢୁଙ୍ଗୁରୁପାଲିର ସ୍ୱପ୍ନାଞ୍ଜଳି ଡ୍ୟାନ୍ସ ଏକାଡେମୀର କଳାକାର, ନୃତ୍ୟ ସାଧନା ଡ୍ୟାନ୍ସ ଗ୍ରୁପର କଳାକାରମାନେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସଞ୍ଜୀବ ପଟ୍ଟନାୟକ ଓ ଶୋଭନା ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଡେପୁଟି କଲେକ୍ଟର ମାନସ ମୋହନ ସେଠ, ତାଳଚେର ତହସିଲଦାର ଆଲଫା ଜେନା, ସହକାରୀ ଜିଲାପାଳ ନାରାୟଣ ସେଠୀଙ୍କ ସମେତ ଟ୍ରଷ୍ଟବୋର୍ଡ ସଦସ୍ୟ ରାଜେନ୍ଦ୍ର ସିଂହ, ମୁରଲୀଧର ସାହୁ, ସଞ୍ଜୟ ସାହୁ, ଗଗନ ବିହାରୀ ସାହୁ, ଅରୁଣ କୁମାର ପ୍ରଧାନ, ସନ୍ତୋଷ ପ୍ରଧାନ, ବରିଷ୍ଠ ରାଜସ୍ୱ ସହାୟକ ଧୂଳେଶ୍ୱର ବେହେରା ପ୍ରମୁଖ ସହଯୋଗ କରିଥିଲେ। ଗଗନ ବିହାରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲାସ୍ତରୀୟ ଜନଶୁଣାଣିରେ ୧୮ ଅଭିଯୋଗ



ଜନ ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳଙ୍କ ସମେତ ଅନ୍ୟ ଅଧିକାରୀମାନେ।

ଅନୁଗୋଳ,୧୫।୪(ମାନସ ବିଶ୍ୱାଳ)

ଅନୁଗୋଳ ସହରସ୍ଥିତ ସର୍କିଟ ହାଉସ ଅଡିଟୋରିୟମରେ ମଙ୍ଗଳବାର ଜିଲାପାଳ ଅବଦଲ ମହମ୍ମଦ ଅଖତାରଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ସମୁଦାୟ ୧୮ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିରୁ ୫ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। ୩ ଜଣଙ୍କୁ ରେଡ୍‌କ୍ରସ୍ ପାଣ୍ଠିରୁ ମୋଟ୍ ୨୫ ହଜାର ଟଙ୍କାର ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିଲା। ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁରେନ୍ଦ୍ରନାଥ ରାୟଗୁରୁ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଶିବାନନ୍ଦ ମହାନ୍ତି, ଅନୁଗୋଳ ଉପଜିଲାପାଳ ମାୟାଧର ବେହେରା, ଅନୁଗୋଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ. ବିଶ୍ୱଭୂଷଣ, ଅନୁଗୋଳ ତହସିଲଦାର ଆଲୋକ କୁମାର ଦେହୁରୀ, ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ଜିଲା ମଙ୍ଗଳ ଅଧିକାରୀ ଦିଲୀପ କୁମାର ମିଶ୍ର, ଜିଲା ଯୋଗାଣ ଅଧିକାରୀ ସ୍ମିତା ନାୟକ, ଜିଲା ସମାଜ ମଙ୍ଗଳ ଅଧିକାରୀ ନିରୁପମା ପାଣି, ଜିଲା ପଞ୍ଚାୟତ ଅଧିକାରୀ ମମତା ପ୍ରଧାନ, ଉପନିର୍ଦ୍ଦେଶକ ଉଦ୍ୟାନ ଅମ୍ବର ଲୁଗୁନ, ଜିଲା ମୁଖ୍ୟପ୍ରାଣୀ ଚିକିତ୍ସା ଅଧିକାରୀ ଡ.ନୀରୋଦ ଦାସ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ମହାପାତ୍ରଙ୍କ ସମେତ ଜିଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

# ଦଳିତଙ୍କ ତ୍ରାଣକର୍ତ୍ତା ଥିଲେ ବାବା ସାହେବ

ପାଲଲହଡା,୧୫।୪(ଦିବ୍ୟଜ୍ୟୋତି ଦାଶ)

ପାଲଲହଡା ଉପଖଣ୍ଡ ସଦରମହକୁମା ସ୍ଥିତ ସ୍କୁଲ ସାହି ପରିସରରେ ଆମ୍ବେଡକର ସଂଘ ପକ୍ଷରୁ ସମ୍ବିଧାନ ପ୍ରଣେତା ଭାରତ ରତ୍ନ ଡ. ବାବା ସାହେବ ଆମ୍ବେଡକରଙ୍କ ଜୟନ୍ତୀ ପାଳିତ ହେଇଯାଇଛି। ମୁଖ୍ୟ ଅତିଥି ଭାବେ ବିଧାୟକ ଅଶୋକ ମହାନ୍ତି ଯୋଗଦେଇ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଦଳିତ, ଆଦିବାସୀ, ଗରିବ ନିଷ୍ପେସିତ ଲୋକଙ୍କ ତ୍ରାଣକର୍ତ୍ତା ବୋଲି ବିଧାୟକ ମତବ୍ୟକ୍ତ କରିଥିଲେ। ଆଇନଜୀବୀ ତଥା ବରିଷ୍ଠ ଭାଜପା ନେତା ତନ୍ମୟ କୁମାର ସାହୁ, ରଘୁନନ୍ଦନ ଆଚାର୍ଯ୍ୟ, ସମିତିସଭ୍ୟା ଗୌରୀ ହାଇବ୍ରୁ, ଭାଜପା ମଣ୍ଡଳ ସଭାପତି ଆଶିଷ ସାମଲ, ପଞ୍ଚାନନ ସାହୁ, ଧର୍ମେନ୍ଦ୍ର ସାହୁ ପ୍ରମୁଖ ସାମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଆଦିବାସୀ ନେତା ଲଛମନ ହେମ୍ବ୍ରମ, ଅଭୟ ନାଏକ, ସୁମନ ନାଏକ, ଯାତ୍ରାକର ନାଏକ, ମଳୟ କୁମାର ନାଏକ ଉପସ୍ଥିତ ଥିଲେ। ମନୋଜ ନାଏକ, ରାଜପ୍ରତାପ ନାଏକ, ଅବିନାଶ ନାଏକ ଉଦିତ ବେହେରା ପରିଚାଳନା କରିଥିଲେ।

# ଦଣ୍ଡ ନୃତ୍ୟ, ମେରୁ ଯାତ୍ରା ଉଦ୍‌ଯାପିତ



ଆଠମଲ୍ଲିକ ଅଞ୍ଚଳରେ ମେରୁଯାତ୍ରା ଅବସରରେ ପ୍ରବଳ ଭିଡ଼।

ଆଠମଲ୍ଲିକ,୧୫।୪(ଉଦୀପ୍ତ ପୁରୋହିତ)

ଆଠମଲ୍ଲିକରେ ପାରମ୍ପରିକ ଦଣ୍ଡନୃତ୍ୟ ଓ ପଣା ସଂକ୍ରାନ୍ତିରେ ମେରୁ ଯାତ୍ରା ଉଦ୍‌ଯାପିତ ହୋଇଯାଇଛି। ସୋମବାର ପଣାସଂକ୍ରାନ୍ତିରେ ସକାଳୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ପ୍ରଭୁ ମହାଦେବ, ମାତାକାଳୀଙ୍କୁ ସାଙ୍ଗରେ ଧରି ଦଣ୍ଡୁଆମାନେ ଗ୍ରାମ ଓ ସହର ପରିକ୍ରମା କରିଥିଲେ। ଭକ୍ତମାନେ ଘର ସମ୍ମୁଖରେ ଲିପା ପୋଛା କରି ବନ୍ଦାଣ କିଣିଥିଲେ। ପରେ ଦଣ୍ଡୁଆମାନେ ଧୂଳିଦଣ୍ଡ, ପାଣିସେବା ଓ ରାତିଦଣ୍ଡ କରି ୧୬ ସୁଆଙ୍ଗ ନୃତ୍ୟ ପରିବେଷଣ କରିଥିଲେ। ରୁଗୁଡ଼ି ସାହି, ନୂଆସାହି ଓ ରାମେଶ୍ୱର ପାଟଣାରେ ମେରୁଯାତ୍ରା ହୋଇଥିଲେ ମଧ୍ୟ ରାମେଶ୍ୱର ପାଟଣା ମେରୁଯାତ୍ରା ଓ ଝାମୁଯାତ୍ରାରେ ପ୍ରବଳ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ରାତି ୯ଟାରେ ପୂଜକଙ୍କ ଦ୍ୱାରା ହୋମଯଜ୍ଞ ସହ ସ୍ୱତନ୍ତ୍ର ପୂଜା ସମ୍ପୂର୍ଣ୍ଣ ହୋଇଥିଲା। ସେହିପରି ଓଡ଼ସିଙ୍ଗା ଗ୍ରାମର ୨ ଦଣ୍ଡପାର୍ଟି ମହାନଦୀର ବାଲିପଠାରେ ଠାକୁରଙ୍କ ପାଣିସେବା କରିଥିଲେ। ଗଡୁଆ ଦଣ୍ଡ, ନୂଆସାହି, ଲିପିଲୋଇ, ହରିଡ଼ାକୋଠା, ଅଇଡା, କୁଟେଶ୍ୱର, ମାଳିପଦର, ଓଡ଼ସିଙ୍ଗା, ଲୁଣହାଣ୍ଡି, ଟାଇଁସର, ନୂଆଗାଁ, ରାସୁସିଙ୍ଗା, ଦୁଦୁମ, କନ୍ଧପଡ଼ା, ଶ୍ରଦ୍ଧାପୁର, ନାରାୟଣପୁର, ଘୋଡାଗାଡ଼ି, ଦେଉଳି, ଚନ୍ଦ୍ରପୁର, ସୁରୀଶପଙ୍କ ନାକଟିଦେଉଳ, ବୁରଘାଟ, ଷୋଳପଦା ଅଞ୍ଚଳରେ ମେରୁଯାତ୍ରା ଅନୁଷ୍ଠିତ ହୋଇଥିଲା।

# ହାତୀ ଆକ୍ରମଣରେ ମହିଳା ଗୁରୁତର

ବନ୍ତଲା,୧୫।୪ (ସୁଶିତ ସାହୁ)

ଅନୁଗୋଳ ଜିଲା ବନ୍ତଲା ବନାଞ୍ଚଳ ବଲଙ୍ଗ ଗାଁରେ ମଙ୍ଗଳବାର ହାତୀ ଆକ୍ରମଣରେ ଜଣେ ମହିଳା ଗୁରୁତର ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ସୂଚନା ଅନୁଯାୟୀ, ବଲଙ୍ଗ ଗାଁର ସୁମତୀ ପ୍ରଧାନ (୪୦) ଘରପାଖ ଜଙ୍ଗଲକୁ ଗାଈ ଚରାଇବାକୁ ଯାଇଥିଲା ବେଳେ ଏକ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀ ତାଙ୍କୁ ଶୁଣ୍ଢରେ ଧରି ଫୋପାଡ଼ି ଦେଇଥିଲା। ଫଳରେ ସେ ଗୁରୁତର ହୋଇଥିଲେ। ଆଖପାଖରେ ଥିବା କେତେଜଣ ଲୋକଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ବନ୍ତଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରୁ ଅଧିକ ଚିକିତ୍ସା ପାଇଁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି।

# ନବବଧୂଙ୍କ ଆତ୍ମହତ୍ୟା ଅଭିଯୋଗ

ବନ୍ତଲା,୧୫।୪(ସୁଶିତ ସାହୁ)

ଅନୁଗୋଳ ବ୍ଲକ ଗଡ଼ତରାସ ପଞ୍ଚାୟତ ଜାମୁଣ୍ଡା ଗାଁରେ ସୋମବାର ବିଳମ୍ବିତ ରାତିରେ ଜଣେ ନବବଧୂ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ପାରିବାରିକ କଳହରୁ ନବବଧୂ ରାଜସ୍ମିତା ପ୍ରଧାନ (୨୦) ଘରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ତାଙ୍କ ବାପା କୁମୁରିସିଂହା ପଞ୍ଚାୟତ ଗଡ଼ତଇଳା ଗ୍ରାମର ଗୋଲେଖ ଦେହୁରୀ ବନ୍ତଲା ଥାନାରେ ଅଭିଯୋଗ କରିଛନ୍ତି। ଝିଅ ରାଜସ୍ମିତା ଗତ ଜାନୁଆରୀରେ ବିବାହ କରିଥିବା ବେଳେ ପାରିବାରିକ କଳହରୁ ଏପରି ଚରମ ନିଷ୍ପତ୍ତି ନେଇଥିବା ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ମଙ୍ଗଳବାର ଥାନା ଅଧିକାରୀ ନଟବର ନନ୍ଦ, ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ ପ୍ରଶାନ୍ତ ସିଂ ଓ ଅନୁଗୋଳ ସାଇଣ୍ଟିଫିକ ଟିମ୍ ଉପସ୍ଥିତିରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛନ୍ତି।

# ଘର ଭାଙ୍ଗିଦେଲା ହାତୀ

ଛେଣ୍ଡିପଦା,୧୫।୪ (ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ବନାଞ୍ଚଳ କର୍ଣ୍ଣପାଳ ଗାଁରେ ମଙ୍ଗଳବାର ହାତୀ ଉପଦ୍ରବ ଯୋଗୁ ବ୍ୟାପକ ଫସଲ ନଷ୍ଟ ହୋଇଛି। ଏଥିସହ ଦନ୍ତା ହାତୀ ଖେଡ଼ି ନାଏକଙ୍କ ଘରକୁ ସମ୍ପୂର୍ଣ୍ଣ ଭାଙ୍ଗି ଦେଇଛି। ନିକଟସ୍ଥ ଜଙ୍ଗଲରୁ ହାତୀପଲ ବାରମ୍ବାର ଗ୍ରାମାଭିମୁଖୀ ହୋଇ ବ୍ୟାପକ କ୍ଷୟକ୍ଷତି ଘଟାଉଥିବାରୁ ଅଞ୍ଚଳବାସୀ ଭୟଭୀତ ହୋଇପଡିଛନ୍ତି। ସୂଚନା ଅନୁଯାୟୀ, ସୋମବାର ବିଳମ୍ବିତ ରାତିରେ ଏକ ଦନ୍ତା ହାତୀ ନିକଟସ୍ଥ ଜଙ୍ଗଲରୁ ବାହାରି କର୍ଣ୍ଣପାଳ ଗ୍ରାମ ଭିତରେ ପ୍ରବେଶ କରିଥିଲା। ଦନ୍ତା ହାତୀଟି ଗ୍ରାମରେ ପଶି ବିଭିନ୍ନ ସ୍ଥାନରେ ଗଛ ଭାଙ୍ଗି ଉପଦ୍ରବ କରିଥିବା ବେଳେ ଖେଡ଼ି ନାଏକଙ୍କ ଘର ନିକଟରେ ପହଞ୍ଚି ଭଙ୍ଗାରୁଜା କରିଥିଲା। ଉପସ୍ଥିତ ବନ କର୍ମଚାରୀମାନେ ଘର ଭିତରୁ ଖେଡ଼ିଙ୍କୁ ଉଦ୍ଧାର କରିଥିଲେ। ଦନ୍ତା ହାତୀ ଘରକୁ ସମ୍ପୂର୍ଣ୍ଣ ଭାଙ୍ଗି ଦେବା ପରେ ଚାଉଳ ଖାଇଦେଇଥିଲା। ବନ ବିଭାଗ କ୍ଷତିପୂରଣ ପ୍ରଦାନ ସହ ହାତୀ ଘଉଡ଼ାଇବା ପାଇଁ ତ୍ୱରିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

# 'ମୋ ଭାରତ ଯୁବ ଭାରତ' କାର୍ଯ୍ୟକ୍ରମ



କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

ଅନୁଗୋଳ,୧୫।୪(ମାନସ ବିଶ୍ୱାଳ)

ବଣିଅରପାଳ ବ୍ଲକ ପରତରା ଗ୍ରାମର ୟଙ୍ଗଷ୍ଟାର ଯୁବ କ୍ଲବ ଦ୍ୱାରା ସୋମବାର 'ମୋ ଭାରତ ଯୁବ ଭାରତ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କ୍ଲବର ସଦସ୍ୟମାନେ ଡ. ଆମ୍ବେଡକରଙ୍କ ଜୟନ୍ତୀ ପାଳନ ସହିତ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଆଞ୍ଚଳିକ ଯୁବକମାନଙ୍କୁ ନେଇ ଦୌଡ଼ ପ୍ରତିଯୋଗିତା, ଦସ୍ତଖତ ଅଭିଯାନ ଓ ବକ୍ତୃତା ପ୍ରତିଯୋଗିତା କରାଯାଇଥିଲା। ଅତିଥି ଭାବେ ବୟୋଜ୍ୟେଷ୍ଠ ବ୍ୟକ୍ତି ନୀଳମଣି ଦେହୁରୀ, ଗ୍ରାମ ସମ୍ପାଦକ ଚିତ୍ରସେନ ଜେନା, କ୍ଲବ ସଭାପତି ପିନୁ ବିଶାଳ, ସମ୍ପାଦକ ତ୍ରିପୁରା ଘଡ଼େଇ ଓ ବୁଲୁ ଧଳ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହିତ ଆମ୍ବେଡକରଙ୍କ ଦ୍ୱାରା ପ୍ରଣୟନ ଭାରତୀୟ ସମ୍ବିଧାନ ବିଶ୍ୱର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅବତୀର୍ଣ୍ଣ ଥିବା ମତବ୍ୟକ୍ତ କରିଥିଲେ। ପରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ୪୦ରୁ ୫୦ ଯୁବକ ଉପସ୍ଥିତ ରହି ବିଭିନ୍ନ କାର୍ଯ୍ୟକ୍ରମ ସମ୍ପାଦନ କରିଥିଲେ।

# ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନଶନ

ବଇଣ୍ଡା,୧୫।୪(ପରିକ୍ଷିତ ସାହୁ)



ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ମହିଳା ଅନଶନ କରିଛନ୍ତି।

ଆଠମଲ୍ଲିକ ଥାନା ଡେବେରାପାଲି ଅଞ୍ଚଳର ମହିଳା ସୁଭଦ୍ରା ବେହେରା(୨୬) ନ୍ୟାୟ ଦାବିରେ ଆଠମଲ୍ଲିକ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଅପରାହ୍ନରୁ ଅନଶନ କରିଛନ୍ତି। ଏଥିସହ ଉପଜିଲାପାଳଙ୍କୁ ଏକ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗପତ୍ରରେ ଉଲ୍ଲେଖ ଅଛି, ସ୍ୱାମୀ ସଞ୍ଜିତ ମହାକୁଡ଼ ତାଙ୍କୁ ନିର୍ଯାତନା ଦେବା ସହ ମାଡ଼ ମାରୁଛନ୍ତି। ଆଠମଲ୍ଲିକ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଗଲା ନାହିଁ। ଫଳରେ ସଞ୍ଜିତ ଦ୍ୱିତୀୟ ବିବାହ କରିଛନ୍ତି। ତେଣୁ ନ୍ୟାୟ ପାଇବା ପାଇଁ ସେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନଶନ କରିଛନ୍ତି। ଏ ନେଇ ଆଠମଲ୍ଲିକ ଥାନା ଆଇଆଇସି ପ୍ରକାଶ ମାଝୀ କହିଛନ୍ତି, ସୁଭଦ୍ରା ତାଙ୍କ ସ୍ୱାମୀଙ୍କ ନାମରେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ପକ୍ଷରୁ ତଦନ୍ତ କରାଯାଇ ଉଭୟଙ୍କ ମଧ୍ୟରେ ବୁଝାମଣା କରାଯାଇଥିଲା। ହେଲେ କୌଣସି ସୁଫଳ ମିଳି ନ ଥିଲା। ଅଭିଯୋଗକୁ ଭିତ୍ତିକରି ନମ୍ବର ୨୧/୨୫ରେ ଏକ ମାମଲା ରୁଜୁ କରାଯାଇଥିଲା। ଉଭୟଙ୍କ ମଧ୍ୟରେ ବୁଝାମଣା ପାଇଁ ପୁଣି ଉଦ୍ୟମ କରାଯାଉଛି।

# ଡିଗ୍ରୀ କଲେଜର ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ବନ୍ତଲା,୧୫।୪(ସୁଶିତ ସାହୁ)

ଅନୁଗୋଳ ଜିଲା ବନ୍ତଲା ଡିଗ୍ରୀ କଲେଜରେ ମଙ୍ଗଳବାର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏଥିସହ ୧କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ଅତିରିକ୍ତ ଶ୍ରେଣୀଗୃହର ଉଦ୍‌ଘାଟନ କରାଯାଇଛି। ଅଧ୍ୟକ୍ଷ ପଦ୍ମ ଚରଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଯୋଗଦେଇ ଛାତ୍ରୀଛାତ୍ରମାନେ ଚରିତ୍ର ଗଠନ ସହ ପାଠପଢ଼ାରେ ଅଧିକ ଧ୍ୟାନ ଦେଲେ ସଫଳତା ପାଇପାରିବେ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥିଭାବେ କଲେଜ ପରିଚାଳନା କମିଟି ସଭାପତି ତଥା ଅନୁଗୋଳ ଉପଜିଲାପାଳ ମାୟାଧର ବେହେରା ଯୋଗଦେଇ ପିଲାମାନେ ପାଠପଢ଼ା ସହ ମାତାପିତା ଓ ସମାଜ ସେବାରେ ନିଜକୁ ଉତ୍ସର୍ଗ କରିପାରିଲେ ଦେଶ ଆଗକୁ ବଢ଼ିବାରେ ସହାୟକ ହୋଇପାରିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଢେଙ୍କାନାଳ ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ପ୍ରଭାତ ପ୍ରଧାନ, ଜରାସିଂହା କଲେଜର ପୂର୍ବତନ ଅଧ୍ୟକ୍ଷ ପ୍ରଭାତ କୁମାର ସିହ୍ନା ଯୋଗଦେଇଥିଲେ। ବିଭିନ୍ନ ବିଭାଗର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

# ୱାଲ୍ ନିର୍ମାଣ ନେଇ ଜିଲାପାଳଙ୍କୁ ଅଭିଯୋଗ

ବଇଣ୍ଡା,୧୫।୪(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ଲୁହାମୁଣ୍ଡା ଠାରେ ୫୫ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ୱାଲ୍ ନିର୍ମାଣ ହେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଫଳରେ ମଙ୍ଗଳବାର ଲୁହାମୁଣ୍ଡା ଅଞ୍ଚଳବାସୀ ଅନୁଗୋଳ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗରେ ଗ୍ରାମବାସୀ ଦର୍ଶାଇଛନ୍ତି, ଲୁହାମୁଣ୍ଡାଠାରେ ନିର୍ମାଣ ହୋଇଥିବା ଫ୍ଲାଏ ଓଭରବ୍ରିଜ୍‌ର ଉଭୟ ପାର୍ଶ୍ୱରେ ସର୍ଭିସ ରାସ୍ତା ନିର୍ମାଣ କରାଯାଇଛି। ଏହି ରାସ୍ତା ମଝିରେ ଏକ ନାଳ ପଡୁଥିବାରୁ ପାଇପ୍ ପକାଯାଇଛି। ହେଲେ ଉକ୍ତ ପାଇପ୍ ନିକଟରେ ୱାଲ ନିର୍ମାଣ କରାଯାଇ ନ ଥିବାରୁ ରାସ୍ତା ପିଚୁ ହୋଇଥିଲେ ମଧ୍ୟ ମାଟି ଖସିବା ଆଶଙ୍କା ଦେଖାଦେଇଛି। ଏଠାରେ ୱାଲ୍ ନିର୍ମାଣ କରିବା ପାଇଁ ଅଞ୍ଚଳବାସୀ ବହୁବାର ଠିକାସଂସ୍ଥା, ଜାତୀୟ ରାଜପଥ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ ମଧ୍ୟ ସୁଫଳ ମିଳିନାହିଁ ।

# ଆମ୍ବଶରମୁଣ୍ଡାରେ ଆମ୍ବେଡକର ଜୟନ୍ତୀ

ବଇଣ୍ଡା,୧୫।୪(ପରିକ୍ଷିତ ସାହୁ)

ଆଠମଲ୍ଲିକ ବ୍ଲକ ଆମ୍ବଶରମୁଣ୍ଡା ଗୁରୁଗୋବର୍ଦ୍ଧନ ବିହାରଠାରେ ଓଡ଼ିଶା ଅନୁସୂଚିତ ଜାତି/ଜନଜାତି କର୍ମଚାରୀ କଲ୍ୟାଣ ସମନ୍ୱୟ ପରିଷଦ ଆଠମଲ୍ଲିକ ଶାଖା ପକ୍ଷରୁ ବାବା ସାହେବ ଆମ୍ବେଡକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଠମଲ୍ଲିକ ପୂର୍ବତନ ବିଧାୟକ ରମେଶଚନ୍ଦ୍ର ସାଏ, ସମ୍ମାନିତ ଅତିଥି ଭାବେ ଠାକୁରଗଡ଼ ଥାନା ଅଧିକାରୀ ଶଶୀଭୂଷଣ ବେହେରା, ଓଡ଼ିଶା ଅନୁସୂଚିତ ଜାତି / ଜନଜାତି କର୍ମଚାରୀ କଲ୍ୟାଣ ସମନ୍ୱୟ ପରିଷଦ ଆଠମଲ୍ଲିକ ଶାଖା ସଭାପତି ଖଗେଶ୍ୱର ନାୟକ, ଆମ୍ବସରମୁଣ୍ଡା ସରପଞ୍ଚ ସସ୍ମିତା ସେଠୀ, ଗୋଣ୍ଡ ସମାଜ ପୁଞ୍ଜି ସଭାପତି ଭଜମନ ନାୟକ, ଭାଗୀରଥି ସେଠୀ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୋମନାଥ ମାଝୀ, ସେବାଶ୍ରମ ବିଦ୍ୟାଳୟ ସହକାରୀ ଶିକ୍ଷକ ମାନସ ନାୟକ ପ୍ରମୁଖ ଯୋଗଦେଇ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ନିକଟରେ ଥିବା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମଧ୍ୟ ମାଲ୍ୟାର୍ପଣ କରିଥିଲେ। କରୁଣାକର ନାୟକ ମଞ୍ଚ ପରିଚାଳନା କରିଥିଲେ। ଆଖପାଖ ଅଞ୍ଚଳର ଶିକ୍ଷିତ, ବୁଦ୍ଧିଜୀବୀ, ସେବାଶ୍ରମ ଓ ଉଚ୍ଚବିଦ୍ୟାଳୟର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଶିକ୍ଷାବିତ୍ ପ୍ରମୋଦ କୁମାର ନାୟକ, ସୁଦର୍ଶନ ବେହେରା, ରମେଶଚନ୍ଦ୍ର ନାୟକ, ଧନଞ୍ଜୟ ନାୟକ, ଗୋବିନ୍ଦଚନ୍ଦ୍ର ନାୟକ, ସଭ୍ୟ ରାଜେଶ ପ୍ରଧାନ, ଅଭିମନ୍ୟୁ ମାଝୀ, ବିଷ୍ଣୁଚନ୍ଦ୍ର ପ୍ରଧାନ, ଦୁଃଶାସନ ନାୟକ, କୁଶ ନାୟକ ପ୍ରମୁଖ ସହଯୋଗ କରିଥିଲେ।



ଆମ୍ବଶରମୁଣ୍ଡାରେ ଆମ୍ବେଡକର ଜୟନ୍ତୀ ପାଳନ ଅବସରରେ ପୂର୍ବତନ ବିଧାୟକଙ୍କ ସମେତ ଅନ୍ୟମାନେ।

## ଘରୁ ରଣା ସାପ ଉଦ୍ଧାର

ବଇଣ୍ଡା,୧୫।୪(ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ହଣ୍ଡପା ଥାନା କଣ୍ଡାଳ ଗ୍ରାମର ବିଭୂଧର ସିଂଙ୍କ ଘରୁ ଏକ ରଣା ସାପ ମଙ୍ଗଳବାର ଉଦ୍ଧାର କରାଯାଇଛି। ମାଧପୁର ଅଞ୍ଚଳର ସିଦ୍ଧେଶ୍ୱର ରଥ ଉକ୍ତ ସାପଟିକୁ ସୁରକ୍ଷିତ ଅବସ୍ଥାରେ ଉଦ୍ଧାର କରିଥିଲେ। ପରେ ହଣ୍ଡପା ବନ ବିଭାଗ ଜରିଆରେ ନିକଟରେ ଥିବା ଜଙ୍ଗଲରେ ଛଡ଼ାଯାଇଥିଲା।

## ସ୍ତ୍ରୀଙ୍କୁ ମାଡ଼, ନିର୍ଯାତନା ଅଭିଯୋଗ

ବଇଣ୍ଡା,୧୫।୪(ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ହଣ୍ଡପା ଥାନା ସୋଲଣ୍ଡା ଗ୍ରାମର ବବିତା ନାୟକଙ୍କୁ ତାଙ୍କ ସ୍ୱାମୀ ସନ୍ତୋଷ ନାୟକ ଓ ପରିବାର ଲୋକେ ମାଡ଼ ମାରିବା ସହ ନିର୍ଯାତନା ଦେଉଥିବା ସୋମବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ନମ୍ବର ୧୨୯/୨୫ରେ ମାମଲା ରୁଜୁ କରିଛି। ପୋଲିସ କହିଛି,କିଛି ମାସ ହେବ ସନ୍ତୋଷ ବବିତାଙ୍କୁ ମାଡ଼ ମାରୁଛନ୍ତି। ହତ୍ୟା ଧମକ ମଧ୍ୟ ଦେଉଛନ୍ତି।

# ନାରୀ ନିର୍ଯାତନା ବୃଦ୍ଧିର ପ୍ରତିବାଦ

ଛେଣ୍ଡିପଦା, ୧୫।୪(ଅଜିତ ଧଳ)/ ବଣିଅରପାଳ (ସୁବାସ ସାହୁ)

ରାଜ୍ୟରେ ନାରୀ ନିର୍ଯାତନା ବଢୁଥିବା ଅଭିଯୋଗ କରି ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ କଂଗ୍ରେସ ପକ୍ଷରୁ ମଙ୍ଗଳବାର ସନ୍ଧ୍ୟାରେ ଏକ ବିରାଟ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବ୍ଲକ କଂଗ୍ରେସ ସଭାପତି ଦିପେନ କୁମାର ସାହୁଙ୍କ ନେତୃତ୍ୱରେ ନରୋତ୍ତମ ନାୟକ ଯୋଗଦେଇ ଡାକବଙ୍ଗଳା ଠାରୁ ବ୍ଲକ ପର୍ଯ୍ୟନ୍ତ ଶୋଭାଯାତ୍ରା କରିଥିଲେ। ୮ ମାସ ଭିତରେ ରାଜ୍ୟରେ ୪୨ ହଜାର ମହିଳାଙ୍କ ଉପରେ ଅତ୍ୟାଚାର ହୋଇସାରିଲାଣି ବୋଲି କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଥିଲା। ଏହି ଶୋଭାଯାତ୍ରାରେ ଅନୁଗୋଳ ଜିଲା କଂଗ୍ରେସ ପର୍ଯ୍ୟବେକ୍ଷକ ସହଦେବ ବେହେରା, ଲକ୍ଷ୍ମଣ ବିଶ୍ୱାଳ, ଅନନ୍ତ ଚରଣ ମାଝୀ, ଭାବଗ୍ରାହୀ ସାହୁ, ଟୁନୁ ତ୍ରିପାଠୀ, ଦୁଃଶାସନ ପ୍ରଧାନ, ଗଜେନ୍ଦ୍ର ପ୍ରଧାନ, ବ୍ରଜବନ୍ଧୁ ସ୍ୱାଇଁ, ଅମୂଲ୍ୟ ସାହୁ, କେଶବ ସାହୁ, ଲିପ୍‌ସା ବେହେରା, ଜୟନ୍ତୀ ସାହୁ, ସବିତ ବେହେରାଙ୍କ ସମେତ ଶତାଧିକ ମହିଳା ଓ ପୁରୁଷ ଯୋଗଦେଇଥିଲେ। ସେହିପରି ବଣିଅରପାଳ ବ୍ଲକ କଂଗ୍ରେସ ପକ୍ଷରୁ ଜଗନ୍ନାଥ ମନ୍ଦିରଠାରୁ ସନ୍ତ୍ରିଛକ ଯାଏ ମଶାଲ ଶୋଭାଯାତ୍ରା କରାଯାଇଥିଲା। ଅନୁଗୋଳ ଜିଲା ପର୍ଯ୍ୟବେକ୍ଷକ ପ୍ରକାଶ ପ୍ରଧାନଙ୍କ ନେତୃତ୍ୱରେ ଆୟୋଜିତ ପ୍ରତିବାଦ ଶୋଭାଯାତ୍ରାରେ କଂଗ୍ରେସ ନେତା ପରେଶ ଜେନା, ସୌମେନ୍ଦ୍ର ଦେହୁରୀ, ଭଜମନ ଦାସ, ଚୌଧୁରୀ ନାଏକ, ଜିତେନ୍ ପାଣି, ତ୍ରୈଲୋକ ବରାହ, ଉଦ୍ଧବ ଭୂତିଆଙ୍କ ସମେତ ଶତାଧିକ ମହିଳା ଓ ପୁରୁଷ ଯୋଗଦେଇଥିଲେ।




ଛେଣ୍ଡିପଦା କଂଗ୍ରେସ କର୍ମକର୍ତ୍ତା ଓ କର୍ମୀମାନେ ଶୋଭାଯାତ୍ରାରେ ଯାଉଛନ୍ତି।

# ସରପଞ୍ଚ, ଗ୍ରାମବାସୀ ପ୍ରଶାସନର ଦ୍ୱାରସ୍ଥ


ସରକାରୀ ଜମି ଜବର ଦଖଲକୁ ନେଇ ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀ ।

■ ସରକାରୀ ଜମି ଜବର ଦଖଲ ମାମଲା
■ ଅଭିଯୋଗର ୩ମାସ ପରେ ମଧ୍ୟ ତଦନ୍ତ ହେଲାନି

**ଢେଙ୍କାନାଳ,୧୫।୪(ରତନ ନାୟାର)**

ଢେଙ୍କାନାଳ ଜିଲା ସଦର ତହସିଲ ଭାଲିଆବୋଲ କାଟେଣୀ ପଞ୍ଚାୟତର ସରଦେଇପୁର, ସନସାଇଲୋ ଗ୍ରାମବାସୀଙ୍କ ପକ୍ଷରୁ ଉକ୍ତ ଅଞ୍ଚଳରେ ଏକ ସରକାରୀ ଜାଗା ଜବର ଦଖଲ ହୋଇଥିବା ଅଭିଯୋଗ ହୋଇଥିଲା । ଏ ସଂକ୍ରାନ୍ତରେ ଗତ ୨୧.୦୧.୨୦୨୫ରେ ଚିଠି ନଂ-୧୨୧୫/ ୨୦୨୫ରେ ଉପଜିଲାପାଳ ଘଟଣାର ତଦନ୍ତ କରି ରିପୋର୍ଟ ଦେବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । କିନ୍ତୁ ଏହାର ୩ ମାସ ବିତିବା ପରେ ମଧ୍ୟ ଘଟଣାର ତଦନ୍ତ ଏବଂ ଏ ସଂକ୍ରାନ୍ତରେ କାର୍ଯ୍ୟାନୁଷ୍ଠାନ ହୋଇନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏହାର ପ୍ରତିବାଦରେ ଭାଲିଆବୋଲକାଟେଣୀ ସରପଞ୍ଚ ପ୍ରତାପ କୁମାର ବେହେରାଙ୍କ ସମେତ ଗ୍ରାମବାସୀମାନେ ମଙ୍ଗଳବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଗ୍ରାମବାସୀଙ୍କ ଅଭିଯୋଗ ଶୁଣିବା ପରେ ଜିଲାପାଳ ଏହି ଘଟଣାର ତଦନ୍ତ କରିବା ପାଇଁ ସଦର ତହସିଲଦାରଙ୍କୁ ଦାୟିତ୍ୱ ଦେଇଥିବା ଗ୍ରାମବାସୀ କହିଛନ୍ତି । ଏ ସଂକ୍ରାନ୍ତରେ ସଦର ତହସିଲଦାର ସ୍ୱାଧୀନ ବେହେରା କହିଛନ୍ତି, ମୋ ପାଖକୁ ପ୍ରଥମକରି ଏହି ଅଭିଯୋଗ ଆସିଛି । ରାଜସ୍ୱ ନିରିକ୍ଷକଙ୍କୁ କହି ଘଟଣାର ତଦନ୍ତ କରାଯିବ । ତଦନ୍ତରେ ଯଦି ସରକାରୀ ଜାଗା ଜବର ଦଖଲ ହୋଇଥିବା ଜଣାପଡିଲା, ତେବେ ଏହାକୁ ଉଚ୍ଛେଦ କରାଯିବା ପାଇଁ ପଦକ୍ଷେପ ନିଆଯିବ । ଅନ୍ୟପକ୍ଷରେ ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ସରକାରୀ ଜାଗାକୁ ଜବରଦଖଲ କରିଥିବା ବିପିନ ବିହାରୀ ଦାସ ଅଭିଯୋଗକୁ ଖଣ୍ଡନ କରିବା ସହ କହିଛନ୍ତି ଯେ, ଉକ୍ତ ଜାଗା ତାଙ୍କ ପରିବାରର । କିନ୍ତୁ ସରପଞ୍ଚ ତାଙ୍କୁ ସେଠାରେ ହଇରାଣ ହରକତ କରୁଛନ୍ତି । ଏଥିପାଇଁ ୩ଦିନ ତଳେ ମୁଁ ସଦର ଥାନାରେ ଏକ ଅଭିଯୋଗ ମଧ୍ୟ କରିଛି । ଥାନାରେ ଅଭିଯୋଗ କରିବାରୁ ସରପଞ୍ଚ ମୋ ବିରୁଦ୍ଧରେ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି ବୋଲି ବିପିନ କୁହନ୍ତି ।

# ୧୦୫ ଅଭିଯୋଗ ଶୁଣିଲେ ଜିଲାପାଳ



ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳଙ୍କ ସହ ଅନ୍ୟ ଅଧିକାରୀମାନେ ।

**ପରଜଙ୍ଗ, ୧୫।୪**
**(ନିଗମାନନ୍ଦ ଦଳବେହେରା)**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ କାର୍ଯ୍ୟାଳୟ ସଭାଗୃହଠାରେ ମଙ୍ଗଳବାର ପ୍ରତେକ ବିଭାଗର ଜିଲାସ୍ତରୀୟ ଅଧିକାରୀମାନଙ୍କ ଦ୍ୱାରା ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ଏହି ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଥବା ବେଳେ ବ୍ଲକର ବିଭିନ୍ନ ପଞ୍ଚାୟତରୁ ସର୍ବସାଧାରଣ ଆସି ନିଜର ସୁବିଧା ଅସୁବିଧା ଜଣାଇଥିଲେ । ମୋଟ ୧୦୫ଟି ଅଭିଯୋଗ ଗ୍ରହଣ ହୋଇଥିଲା ବେଳେ ଅନଲାଇନ୍‌ରେ ୨୭ଟି, ଅଫଲାଇନରେ ୭୮ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ରାସନ, ଆବାସ ଗୃହ, ଟ୍ରାଇ ସାଇକେଲ, ଭତ୍ତା, ସାଧାରଣ ଅଭିଯୋଗ ରହିଥିଲା । ଏହି କାର୍ଯ୍ୟକ୍ରମରେ ଆରକ୍ଷୀ ଅଧିକ୍ଷକ ଅଭିନ୍ନ ସୋନାକର, ପ୍ରକଳ୍ପ ଅଧିକାରୀ ଦୀପ୍ତି ରଞ୍ଜନ ସେଠୀ, ଉପଜିଲାପାଳ ଦିନମଣି ନାୟକ, ଜିଲା ଶ୍ରମ ଅଧିକାରୀ ତପନ ସୂତାର, ତହସିଲଦାର ସୁଦେବ କୁମାର ପୃଷ୍ଟି, ପଞ୍ଚାୟତ ସମିତି ଅଧକ୍ଷା ଶର୍ମିଷ୍ଠା ଦଳବେହେରା, ପଞ୍ଚାୟତ ସମିତି ଉପାଧକ୍ଷା ଯଶସ୍ୱିନୀ ରାଉତ, ବିଡ଼ିଓ ସୌଭାଗ୍ୟ ବେହେରା, ବ୍ଲକ ଶିକ୍ଷା ଅଧିକାରିଣୀ ପ୍ରିୟଦର୍ଶିନୀ ନାୟକ, ଥାନାଧିକାରୀ ଧିରେନ କୁମାର ବେହେରା,ଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଓ ବ୍ଲକସ୍ତରୀୟ ବିଭାଗୀୟ ଅଧିକାରୀ ସାମିଲ ହୋଇଥିଲେ । ଅଭିଯୋଗଗୁଡ଼ିକର ତୁରନ୍ତ ସମାଧାନ କରିବାକୁ ଜିଲାପାଳ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

# ରକ୍ତଦାନ ଶିବିରରେ ୮୪ ୟୁନିଟ୍ ରକ୍ତ ସଂଗ୍ରହ


ରକ୍ତଦାନ ଶିବିରରେ ଜଣେ ଛାତ୍ରୀ ରକ୍ତଦାନ କରୁଛନ୍ତି ।

**ଢେଙ୍କାନାଳ,୧୫।୪(ରତନ ନାୟାର)**

ଓଡିଆ ପକ୍ଷ ପାଳନ ଅବସରରେ ଗ୍ରୀଷ୍ମ ପ୍ରବାହ ଓ ରକ୍ତ ଭଣ୍ଡାରରେ ରକ୍ତ ଅଭାବକୁ ଦୃଷ୍ଟିରେ ରଖି ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା, ଯୁବ ରେଡକ୍ରସ୍ ଓ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ମିଳିତ ପ୍ରୟାସରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ମଙ୍ଗଳବାର ଆୟୋଜନ କରାଯାଇଥିଲା । ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଚିତ୍ତରଞ୍ଜନ ସାହୁ ଓ ପ୍ରଶାସନିକ ଅଧିକାରୀ ଡ. ଦେବାଶିଷ ମହାନ୍ତି, ଢେଙ୍କାନାଳ ରକ୍ତ ଭଣ୍ଡାରର ସମସ୍ତ କର୍ମଚାରୀ, ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଓ ସ୍ୱେଚ୍ଛାସେବୀଙ୍କ ଉପସ୍ଥିତିରେ ଏହି ଶିବିରକୁ ଉଦଘାଟନ କରିଥିଲେ । ଏହି ଶିବିରକୁ ମହାବିଦ୍ୟାଳୟର ଯୁବ ରେଡକ୍ରସ୍ ପରାମର୍ଶଦାତା ଡ. ଭୂପେଶ ସାହୁ ଓ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଡ. ରବର୍ଟ ୱିଲସନ୍ ଭଦ୍ରା ପରିଚାଳନା କରିଥିଲେ । ମହାବିଦ୍ୟାଳୟର ଅନେକ ଛାତ୍ରଛାତ୍ରୀ, ଅଧ୍ୟାପିକା ଓ ଅଧ୍ୟାପକମାନେ ବହୁ ସଂଖ୍ୟାରେ ଉପସ୍ଥିତ ହୋଇ ରକ୍ତଦାନ କରିଥିଲେ । ଏହି ଶିବିରର ମୋଟ ୮୪ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା, ଯାହାକି ରକ୍ତ ଭଣ୍ଡାରରେ ଅଭାବ ପୂରଣରେ ସହାୟକ ହେବ । ଏହି ସଫଳତା ପାଇଁ ମହାବିଦ୍ୟାଳୟ ପରିବାର, ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା, ସ୍ୱେଚ୍ଛାସେବୀ ଓ ରକ୍ତଦାନ କରିଥିବା ସମସ୍ତ ମହାନୁଭାବଙ୍କୁ ଅଭିନନ୍ଦନ ଜଣାଯାଇଛି ।

# ଆଦର୍ଶ ଶିକ୍ଷକଙ୍କ ବିୟୋଗରେ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ସଭା

**ଢେଙ୍କାନାଳ,୧୫।୪(ରତନ ନାୟାର)**

ଢେଙ୍କାନାଳ ଜିଲା ଗଁନ୍ଦିଆ ବ୍ଲକର ଅବସରପ୍ରାପ୍ତ ଆଦର୍ଶ ପ୍ରଧାନ ଶିକ୍ଷକ ସ୍ୱର୍ଗତ ଅନନ୍ତ ଚରଣ ଶତପଥୀଙ୍କ ବିୟୋଗରେ ଗଁନ୍ଦିଆ ଅଞ୍ଚଳବାସୀଙ୍କ ତରଫରୁ ଏକ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ସଭା ଆବାହକ ରତିକାନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ଗଁନ୍ଦିଆ ବ୍ଲକ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏହି ଶ୍ରଦ୍ଧାଞ୍ଜଳି ସଭାରେ ଗଁନ୍ଦିଆ ପଞ୍ଚାୟତ ସମିତି ଅଧ୍ୟକ୍ଷା ରିନାରାଣୀ ଖଟୁଆ, ଗଁନ୍ଦିଆ ବିଡିଓ ପବିତ୍ର କୁମାର ବେହେରା, ବରିଷ୍ଠ ସମାଜସେବୀ ବିଶ୍ୱନାଥ ଜେନା, ବିପିନ ବିହାରୀ ସିଂହ, ବରିଷ୍ଠ ନାଗରିକ ମଞ୍ଚ ସଭାପତି ବୁଦ୍ଧଦେବ ପ୍ରଧାନ, ପୂର୍ବତନ ସରପଞ୍ଚ ମଙ୍ଗରାଜ ବାରିକ, ବିଶିଷ୍ଟ ଶିକ୍ଷାବିତ୍ ଦଣ୍ଡଧର ସାହୁ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଶିକ୍ଷାବିତ୍ ହରିହର ସାହୁ ସଭାକୁ ସଂଯୋଜନାରେ ଅନୁଷ୍ଠିତ କାର୍ଯକ୍ରମରେ ଜିଲାପରିଷଦ ସଭ୍ୟ ବିଶ୍ୱନାଥ ଚିନରା, ପଞ୍ଚାୟତ ସମିତି ପୂର୍ବତନ ଅଧ୍ୟକ୍ଷ ମଳୟ କୁମାର ସିଂହ, ସୋରିଷିପଦା ସରପଞ୍ଚ ପ୍ରଦୀପ କୁମାର ରାଉତ, ଗଁନ୍ଦିଆ ପ୍ରେସ୍ କ୍ଲବ ସଭାପତି ମହେନ୍ଦ୍ର କୁମାର ସାହୁ, ଗଁନ୍ଦିଆ ସ୍ମୃତି ସଂସଦ ମୁଖ୍ୟ ଉପଦେଷ୍ଟା ଡ. ସମୀର କୁମାର ସାହୁ, ଉପସଭାପତି ଗୋପାଳ ଚନ୍ଦ୍ର ରାଉତ, ଉମ୍ବରୁଧର ସେଠୀ, ଥିଙ୍କର୍ସ ଫୋରମ୍ ଗଁନ୍ଦିଆର ସଭାପତି ସୁବ୍ରତ କୁମାର ସାହୁ, ବିଶିଷ୍ଟ ଶିକ୍ଷାବିତ୍ ବିଜୟ କୁମାର ସାମନ୍ତ, ଗଁନ୍ଦିଆ ଓକିଲ ସଂଘର ସଭାପତି ପ୍ରଦୀପ କୁମାର ସାହୁ, ସଂସ୍କୃତି ପ୍ରେମୀ ଅନ୍ତର୍ଯ୍ୟାମୀ ବାରିକ, ରାଘବ ଚନ୍ଦ୍ର ମହାରଣା, ଆଞ୍ଚଳିକ ସେବା ସଂଗଠନର ସଭାପତି ଅଜିତ ରାଉତ, ପ୍ରାକ୍ତନ ସଭାପତି ବିଦ୍ୟାଧର ସାହୁ, ଅଭିମନ୍ୟୁ ଦାସ, ସମିତି ସଭ୍ୟ ବଳରାମ ପରିଡା, ଶିକ୍ଷାବିତ୍ ସାରଙ୍ଗଧର ବିହାରୀ, ଜ୍ୟୋର୍ତିମୟୀ ନାଥ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ମନୋରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ ।

# ଆମ୍ବେଡକର ସେବା ସଂଗଠନ ପକ୍ଷରୁ ଜୟନ୍ତୀ

**ଢେଙ୍କାନାଳ,୧୫।୪(ରତନ ନାୟାର)**

ଢେଙ୍କାନାଳ ଭାରତରତ୍ନ ଡଃ ଭୀମରାଓ ଆମ୍ବେଡକର ସେବା ସଂଗଠନ ନରେନ୍ଦ୍ରପୁର ତରଫରୁ ଓ ମା'ଲଙ୍ଗବାଉତୀ ଟ୍ରକ୍ ଆସୋସିଏଶନର ସହଯୋଗ କ୍ରମେ ଭାରତ ସମ୍ବିଧାନ ପ୍ରଣେତା, ମହାନ ଜନନାୟକ, ସମାଜ ପ୍ରତିଷ୍ଠାତା, ଭାରତରତ୍ନ ଡଃ ଭୀମରାଓ ଆମ୍ବେଡକରଙ୍କ ୧୩୪ତମ ଜୟନ୍ତୀ ସୋମବାର ପାଳନ କରାଯାଇଛି । ସକାଳେ ନରେନ୍ଦ୍ରପୁର ଟାଟାଷ୍ଟିଲ୍ ପ୍ଲାଣ୍ଟ ସମ୍ମୁଖରେ ଥିବା ବାବାସାହେବଙ୍କ ପ୍ରତିମୂର୍ତିରେ ସଂଗଠନ ସଭାପତି କୈଳାସ ଚନ୍ଦ୍ର ନାୟକ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ସନ୍ଧ୍ୟାରେ ସଭାପତି କୈଳାସ ଚନ୍ଦ୍ର ନାୟକ ସଭା ପରିଚାଳନାରେ ଆୟୋଜିତ ସଭାରେ ଜିଲାପରିଷଦ ସଭ୍ୟ ଗୋପାଳ ଚନ୍ଦ୍ର ନାଏକ, ସରପଞ୍ଚ ଜ୍ୟୋତି ନାଏକ, ଚନ୍ଦ୍ରମଣି ନାଥ, ଶ୍ରୀନିବାସ ସାହୁ, ପ୍ରଫୁଲ୍ଲ ମହାନ୍ତି, ବିଜୟ କୁମାର ସେଠୀ, ବନମାଳି ନାଏକ, ପ୍ରଶାନ୍ତ ନାଏକ, ନୃସିଂହ ଚରଣ ଭରଦ୍ୱାଜ, ଲକ୍ଷ୍ମଣ ନାଏକ, ଅନନ୍ତ ନାଏକ, ସନ୍ତୋଷ ନାଏକ, ଦିଲ୍ଲୀପ ନାଏକ, ଶ୍ରୀକାନ୍ତ ନାଏକ, ସମାଜସେବୀ ମିଞ୍ଜା ବେହେରା ଉପସ୍ଥିତ ଥିଲେ । ଏଥିରେ ଅତିଥିମାନେ ବାବାସାହେବଙ୍କ ଜୀବନୀ ଓ ସମାଜ ସେବା ଉପରେ ଅନେକ ଆଲୋଚନା କରିଥିଲେ । ଶେଷରେ ଗାୟକ ଧ୍ରୁବଚରଣ ବିଶ୍ୱାଳ ଓ ଗାୟିକା କଳାବତୀ ନାଏକ ଉପସ୍ଥିତ ରହି ପାଲା ମାଧ୍ୟମରେ ବାବା ସାହେବଙ୍କ ବିଚାରକୁ ପ୍ରଚାର କରିଥିଲେ । ବାବନ୍ଧ ମହିଳା ସଂକୀର୍ତନ ମଣ୍ଡଳୀ, କୁଟୁଣିଆ ସଂକୀର୍ତନ ମଣ୍ଡଳୀ, ଦାସନାଳି ମହିଳା ସଂକୀର୍ତନ ମଣ୍ଡଳୀ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ୧୦ ଚୋରି ମୋବାଇଲ, ୯ ଗ୍ରାମ ବ୍ରାଉନସୁଗାର ଜବତ

**ଢେଙ୍କାନାଳ,୧୫।୪(ରତନ ନାୟାର)**

ଢେଙ୍କାନାଳ ସହରରୁ ଲୋକଙ୍କର ଅସହାୟତାର ସୁଯୋଗ ନେଇ ମୋବାଇଲ ଲୁଟ୍ କରିଥିବା ଅଭିଯୁକ୍ତଙ୍କୁ ମଙ୍ଗଳବାର ଅଳସୁଆ ହାଟ ଅଞ୍ଚଳରୁ ଟାଉନ ଥାନା ପୋଲିସ ଗିରଫ କରିଛି । ତାଙ୍କଠାରୁ ୧୦ଟି ଚୋରି ମୋବାଇଲ ଓ ୯ ଗ୍ରାମ ବ୍ରାଉନ ସୁଗାର ଜବତ କରାଯାଇଛି । ଗିରଫ ଯୁବକଙ୍କ ନାମ ବିଶାଳ କୁମାର ନୁନିଆ(୨୦) । ତାଙ୍କ ଘର ପଶ୍ଚିମବଙ୍ଗ ଆସାନସୋଲ ନିକଟସ୍ଥ ଜାମୁଡିଆ ଅଞ୍ଚଳରେ । ସେ ଅଳସୁଆ ହାଟଠାରେ ବିଭିନ୍ନ ବିକ୍ରି ନାମରେ ମୋବାଇଲ ଲୁଟିବା ପାଇଁ ସୁଯୋଗ ଅପେକ୍ଷାରେ ରହିଥାନ୍ତି ।

# ଭାଗୀରଥି ସାଗର ସୁରକ୍ଷା ଦାବି ଜୋର ଧରିଲା


ଭାଗୀରଥି ସାଗର କୂଳରେ ଅନୁଷ୍ଠିତ ବୈଠକରେ ପୋଖରୀ ସୁରକ୍ଷା ସମିତି ସଦସ୍ୟ ।

**ଢେଙ୍କାନାଳ,୧୫।୪(ରତନ ନାୟାର)**

ଐତିହ୍ୟ ସମ୍ପନ୍ନ ପୋଖରୀର ସୁରକ୍ଷା ପାଇଁ ଢେଙ୍କାନାଳ ସହରର ପୋଖରୀ ସୁରକ୍ଷା ସମିତି ସଭାପତି ଆଇନଜୀବୀ ସୁରେନ୍ଦ୍ର କୁମାର ମିଶ୍ରଙ୍କ ନେତୃତ୍ୱରେ ଭାଗୀରଥି ସାଗର କୂଳରେ ଏକାଠି ହୋଇ ସୁରକ୍ଷା ପାଇଁ ମଙ୍ଗଳବାର ଆଲୋଚନା କରିଥିଲେ । ପୋଖରୀର ଜଳଧାରଣ କ୍ଷମତା କମ୍ କରାଯାଉ । ସହରର ଅନେକ ପୋଖରୀର ପଙ୍କ ଉଦ୍ଧାର ନାମରେ ପୋଖରୀ ପୋତି ଜଳ ଧାରଣ କ୍ଷମତାକୁ କମ୍ କରିଦିଆଗଲା । ସ୍ଥାନୀୟ ବାସିନ୍ଦାମାନେ ବିରୋଧ କରିବା ସତ୍ତ୍ୱେ ପୌରପାଳିକା ଶୁଣିନଥିଲା । ଭାଗୀରଥି ସାଗରର ପଙ୍କ ଉଦ୍ଧାର ଗତ ଦୁଇବର୍ଷ ହେଲା ଚାଲିଛି । ଭାଗୀରଥି ସାଗରର ପଙ୍କ ମାଟିକୁ ତୁରନ୍ତ ବାହାରକୁ ନିଷ୍କାସନ କରାଯାଇ ପୋଖରୀ କାର୍ଯ୍ୟ ସଂପୂର୍ଣ୍ଣ କରାଯାଉ । ଏ ନେଇ ଆସନ୍ତା ୧୯ତାରିଖରେ ପୁନର୍ବାର ଜିଲା ଓକିଲ ସଙ୍ଘ, ସାମ୍ବାଦିକ ସଙ୍ଘ, ସମସ୍ତ ରାଜନୈତିକ ଦଳ, ଏମ୍‌ପି, ପୂର୍ବତନ ଏମ୍‌ପି, ବିଧାୟକ, କାଉନସିଲର, ସମସ୍ତ ପୂଜା କମିଟି ଓ ଅନୁଷ୍ଠାନମାନଙ୍କୁ ନେଇ ବୈଠକ କରାଯିବ । ବୈଠକରେ ପୋଖରୀର ରୂପରେଖ କେମିତି ହେବ ତାହା ନିଷ୍ପତି କରାଯିବ ଏବଂ ଜାତୀୟ ଗ୍ରୀନ୍ ଟ୍ରିବୁନାଲର ଆଶ୍ରୟ ମଧ୍ୟ ନିଆଯିବ । ବୈଠକରେ ଆବାହକ ପ୍ରଶାନ୍ତ ମିଶ୍ର, ସଂପାଦକ ଅଶୋକ ସ୍ୱାଇଁ, ଉପସଭାପତି ଉଦୟନାଥ ବେହେରା, ମନ୍ମଥ ରାଓ, ଗୋବିନ୍ଦ ସେନାପତି, ଭରତ ଦାସ, ବିକାଶ ସ୍ୱାଇଁ, କିଶୋର ବେହେରା, ସ୍ମିତାରାଣୀ ସାମଲ, ବାସନ୍ତୀ ସ୍ୱାଇଁ, ଅଶ୍ୱିନୀ ଜେନା, ଗୋକୁଳାନନ୍ଦ ମାଝୀ, ଅବିନାଶ ସାହୁ, ସୌମ୍ୟବ୍ରତ ସାହୁ, ବାବୁଲି ସିଂହ, ସୁଜିତ ବେହେରା, ପଙ୍କଜ ନାୟକ, ବ୍ରଜମୋହନ ସାହୁ, ନୀରଜକାନ୍ତ ରଥ, ଶେଖର ସେଠୀ ପ୍ରମୁଖ ମତାମତ ପ୍ରଦାନ କରିଥିଲେ । ଶେଷରେ ଦିଲ୍ଲୀପ କୁମାର ରାଉତ ଧନ୍ୟବାଦ ଦେଇଥିଲେ ।

# ନୂତନ ତହସିଲଦାରଙ୍କ ଯୋଗଦାନ

**କାମାକ୍ଷାନଗର, ୧୫।୪ (ସୁଧୀର କୁମାର ପରିଡ଼ା)**

ଢେଙ୍କାନାଳ ଜିଲା କାମାକ୍ଷାନଗର ତହସିଲରେ ମଙ୍ଗଳବାର ନୂତନ ତହସିଲଦାର ଭାବେ ଶୁଭଙ୍କର ମହାନ୍ତି କାର୍ଯ୍ୟରେ ଯୋଗଦେଇଛନ୍ତି । ଏଠାରେ ଥିବା ତହସିଲଦାର ପ୍ରିୟବ୍ରତ ଦାଶ ମାର୍ଚ୍ଚ ୧ ତାରିଖରୁ ଭଦ୍ରକ ବାସୁଦେବପୁରକୁ ବଦଳି ହୋଇଥିବାରୁ ଅତିରିକ୍ତ ତହସିଲଦାର ସୂର୍ଯ୍ୟକାନ୍ତ ବରାଳ ତହସିଲଦାର ଦାୟିତ୍ୱ ତୁଲାଇଥିଲେ । ଶ୍ରୀ ମହାନ୍ତି ଯାଜପୁର ଧର୍ମଶାଳାରୁ ବଦଳି ହୋଇ ଏଠାରେ ନୂତନ ତହସିଲଦାର ଭାବେ ଯୋଗ ଦେଇଛନ୍ତି । ତାଙ୍କର ଯୋଗଦାନ ପରେ ସମସ୍ତ ରାଜସ୍ୱ ନିରୀକ୍ଷକ, ତହସିଲ କର୍ମଚାରୀ ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ । କାମାକ୍ଷାନଗରରେ ନୂତନ ଭାବେ ହେବାକୁ ଥିବା କେନ୍ଦ୍ରୀୟ ବିଦ୍ୟାଳୟ ପାଇଁ ଯାଗା, ରାଜସ୍ୱ ବୃଦ୍ଧି ଓ ଲଘୁ ଖଣିଜ ଚୋରା ଚାଲାଣ ରୋକିବା ପାଇଁ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ ।


ଶୁଭଙ୍କର ମହାନ୍ତି

# ପୂଜକଙ୍କ ମୃତଦେହ ଜବତ

**କାମାକ୍ଷାନଗର,୧୫।୪(ସୁଧୀର ପରିଡା)**

ଢେଙ୍କାନାଳ ଜିଲା କାମାକ୍ଷାନଗର ଅନନ୍ତପୁର ରାମ ମନ୍ଦିରର ପୂଜକ ରସାନନ୍ଦ ପତି (୬୨)ଙ୍କ ମୃତଦେହ ମଙ୍ଗଳବାର ସକାଳେ ସଦର ଥାନା ଗେଙ୍ଗୁଟିଆ ରେଳ ଲାଇନ ନିକଟରୁ ଠାବ ହୋଇଛି । ତାଙ୍କ ଘର ଯାଜପୁର ଟାଉନ ଅଞ୍ଚଳରେ ହୋଇଥିବା ବେଳେ ସେ ପ୍ରାୟ ୧୦ବର୍ଷ ହେବ କାମାକ୍ଷାନଗର ଅନନ୍ତପୁର ରାମମନ୍ଦିରରେ ପୂଜା କରୁଥିଲେ । ଇତିମଧ୍ୟରେ ତାଙ୍କର ୩ଥର ହାର୍ଟ ସର୍ଜରୀ ହେବାସହ ଦୁଇବର୍ଷ ପୂର୍ବେ ତାଙ୍କର ଜଣେ ପୁତ୍ରଙ୍କର ସଡକ ଦୁର୍ଘଟଣାରେ ମୃତ୍ୟୁ ଘଟିଛି । ଏକବର୍ଷ ତଳେ ତାଙ୍କର ପତ୍ନୀଙ୍କର ମଧ୍ୟ ମୃତ୍ୟୁ ଘଟିଥିଲା । ମୃତଦେହ ନିକଟରୁ ଏକ ହାତଲେଖା ଚିଠି ମିଳିଥିବା ବେଳେ ସେ ଅଭାବ ଅସୁବିଧାରେ ମୃତ୍ୟୁ କରିଥିବା ଲେଖିଥିଲେ । ମୃତ ଶରୀରକୁ କଟକ ଏସ୍‌ସିବିକୁ ହସ୍ତାନ୍ତର କରିବାକୁ ନିବେଦନ କରିଛନ୍ତି । ସେ ସୋମବାରଠାରୁ ନିଖୋଜ ଥିବା ବେଳେ ମଙ୍ଗଳବାର ତାଙ୍କର ମୃତ ଦେହ ଠାବ ହୋଇଛି ।

# ଯୁବକଙ୍କୁ ଆକ୍ରମଣ ଅଭିଯୋଗ

**ବଇଣ୍ଡା,୧୫।୪(ପରିକ୍ଷିତ ସାହୁ):** ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ବରଡ଼ିପ ଗ୍ରାମର ସନ୍ତୋଷ ବେହେରାଙ୍କୁ ସେହି ଗ୍ରାମର ସୁଶାନ୍ତ ବେହେରା ଟାଙ୍ଗିଆରେ ଆକ୍ରମଣ କରିଥିବା ସୋମବାର ଥାନାରେ ଅଭିଯୋଗ ହୋଇଛି । ପୋଲିସ କହିଛି, ସନ୍ତୋଷଙ୍କ ଭାଇ ରଞ୍ଜନଙ୍କୁ ସୁଶାନ୍ତ ଦଣ୍ଡଯାତ୍ରା ଦେଖିବାକୁ ଡାକି ନେଇଥିଲେ । ରଞ୍ଜନ ଫେରି ନ ଥିବାରୁ ସନ୍ତୋଷ ଏ ନେଇ ପଚାରିବାରୁ ଉତ୍କ୍ଷିପ୍ତ ହୋଇ ସୁଶାନ୍ତ ଟାଙ୍ଗିଆରେ ଆକ୍ରମଣ କରିଥିଲେ ।

# ଆମ୍ବେଡକରଙ୍କ ୧୩୫ତମ ଜୟନ୍ତୀ

**ପରଜଙ୍ଗ, ୧୫।୪**
**(ନିଗମାନନ୍ଦ ଦଳବେହେରା)**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ଅନ୍ତର୍ଗତ ବାରିହାପୁର ପଞ୍ଚାୟତ ଗୋବିନ୍ଦପୁର ଶବରସାହିଠାରେ ବାବାସାହେବ ଡ. ବି ଆର୍ ଆମ୍ବେଡକରଙ୍କ ୧୩୫ତମ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ଅରୁଣ କୁମାର ସାହୁ ଓ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦୋଳଗୋବିନ୍ଦ ସାହୁ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କାମାକ୍ଷାନଗର ଉପଖଣ୍ଡ ଦଳିତ ମହାସଂଘର ସଭାପତି ଭିକାରୀ ଚରଣ ନାଏକ, ଆମ୍ବେଡକର ଦଳିତ ମହାସଂଘର ସାଧାରଣ ସଂପାଦକ ଲକ୍ଷ୍ମଣାନନ୍ଦ ମଲ୍ଲିକ, ପରଜଙ୍ଗ ନୀଳମାଧବ ଆଦିବାସୀ ସଂଘର ସଭାପତି ଭୀମସେନ ଖଟୁଆ, ଏକଲବ୍ୟ ଶବର ସମାଜ ସେବା ସଂଘର ସଭାପତି ଆର୍ତ୍ତତ୍ରାଣ ଦେହୁରୀ, ଅଧ୍ୟାପକ ସଂଗ୍ରାମ କେଶରୀ ନାଥ, ସତ୍ୟାନନ୍ଦ ବେହେରା, ଲୋଚନ ଖମାରୀ ପ୍ରମୁଖ ଯୋଗଦେଇଥିଲେ । ଆୟୋଜିତ ଉତ୍ସବରେ ଏକଲବ୍ୟ ଶବର ସମାଜ ସେବା ସଂଘର ଉପସଭାପତି ରାଜେଶ କୁମାର ବେହେରା ମଞ୍ଚ ପରିଚାଳନା କରିଥିବାବେଳ ସଂପାଦକ ଗୌତମ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିବା ସହ ପୁଷ୍ପଗୁଚ୍ଛ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏହି ଉତ୍ସବରେ ମଞ୍ଚାସୀନ ଅତିଥିମାନେ ବାବାସାହେବ ଡ଼ଃ ବି ଆର୍ ଆମ୍ବେଡକରଙ୍କ ସଂଘର୍ଷମୟ ଜୀବନ କାହାଣୀ ଓ ଭାରତ ଭଳି ଏକ ବୃହତ ସାର୍ବଭୌମ ଗଣତାନ୍ତ୍ରିକ ରାଷ୍ଟ୍ର ସମ୍ବିଧାନ ରଚନା କରି ବିଶ୍ୱ ଦରବାରରେ ଯେଉଁ ଖ୍ୟାତି ଅର୍ଜନ କରିଛନ୍ତି ସେ ବିଷୟରେ ଅଭିଭାଷଣ ଦେଇଥିଲେ । ଶେଷରେ ସଂଘର ଉପଦେଷ୍ଟା ସୁମନ୍ତ କୁମାର ବେହେରା ବାବାସାହେବ ଡ଼ଃ ବି ଆର୍ ଆମ୍ବେଡକରଙ୍କ ଗୁଣଗାନ କରିବା ସହ ମଞ୍ଚାସୀନ ଅତିଥି ଓ ଉପସ୍ଥିତ ଜନସାଧାରଣଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।


ଆମ୍ବେଡକରଙ୍କ ଜୟନ୍ତୀ ପାଳନ ଅବସରରେ ଯୋଗଦେଇଥିବା ଅତିଥିବୃନ୍ଦ ।

# କଂଗ୍ରେସ ପକ୍ଷରୁ ମଶାଲ ଶୋଭାଯାତ୍ରା

**ଢେଙ୍କାନାଳ,୧୫।୪(ରତନ ନାୟାର)**

**ନାରୀ ନିର୍ଯାତନା ଏବଂ ରୋଷେଇ ଗ୍ୟାସ୍ ମୂଲ୍ୟ ବୃଦ୍ଧିକୁ ନେଇ ପ୍ରତିବାଦ**

ଢେଙ୍କାନାଳ ସହରରେ ମଙ୍ଗଳବାର ସନ୍ଧ୍ୟାରେ ଜିଲା କଂଗ୍ରେସ ସଭାପତି ସୁନୀଲ ଦାଶଙ୍କ ନେତୃତ୍ୱରେ ଶହୀଦ ବାଜି ଚୌକଠାରୁ ଏକ ଶୋଭାଯାତ୍ରା କରାଯାଇ ପ୍ରତିବାଦ ସଭା ଆୟୋଜିତ ହୋଇଥିଲା । ସଭାରେ ରାଜରେ ମହିଳାମାନଙ୍କ ଉପରେ ବଢିଚାଲିଥିବା ଅତ୍ୟାଚାର ବିରୁଦ୍ଧରେ ନେତାମାନେ ଭାଷଣ ଦେଇ ଏହାକୁ ନିୟନ୍ତ୍ରଣ କରିବାରେ ବିଫଳ ହେବା ଓ ପୀଡିତା ମହିଳାମାନଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ କରିବାରେ ବିଫଳ ହୋଇଥିବା ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ । ଅପହୃତ ବା ନିଖୋଜ ମହିଳାମାନଙ୍କୁ ଉଦ୍ଧାର କରି ପରିବାରକୁ ସୁରକ୍ଷିତ ଫେରାଇ ଆଣିବା ସରକାରଙ୍କର ଦାୟିତ୍ୱ ଏବଂ ଯେପର୍ଯ୍ୟନ୍ତ ନାରୀମାନଙ୍କୁ ନ୍ୟାୟ ମିଳିନାହିଁ, ସେ ପର୍ଯ୍ୟନ୍ତ କଂଗ୍ରେସ ଆନ୍ଦୋଳନ ଜାରିରଖିବ ବୋଲି ସରକାରଙ୍କୁ ଚେତାବନୀ ଦେଇଥିଲେ । ସଭାରେ ମୋଦି ସରକାରଙ୍କର ସାଧାରଣ ଜନତାଙ୍କୁ ରୋଷେଇ ଗ୍ୟାସ୍, ପେଟ୍ରୋଲ, ଡିଜେଲ ଉପରେ ମାତ୍ରାଧିକ କର ଲଗାଇ ଶୋଷଣ କରୁଥିବା ବିଷୟରେ ଆଲୋଚନା କରାଯାଇଥିଲା । ୨୦୧୪ରେ କଂଗ୍ରେସର ମନମୋହନ ସିଂହ ସରକାରଙ୍କ ଶାସନ ସମୟରେ ଗ୍ୟାସ୍ ସିଲିଣ୍ଡର୍ ୪୦୦ ଟଙ୍କା ଥିବା ବେଳେ ମୋଦି ସରକାର ଏହାକୁ କ୍ରମାଗତ ଭାବରେ ବଢାଇ ୧୧୫୦ ଟଙ୍କା ପର୍ଯ୍ୟନ୍ତ ନେଇ ନିର୍ବାଚନର ଠିକ୍ ପୂର୍ବରୁ ୮୩୦ଟଙ୍କାକୁ କମାଇ ଦେଇଥିଲେ । ଏବେ ପୁଣି ୫୦ଟଙ୍କା ବୃଦ୍ଧି କରିଛନ୍ତି । ସାଧାରଣ ଜନତା ମୋଦି ସରକାରଙ୍କର ଏହି ଶୋଷଣ ବିଷୟରେ ଜାଣି ମଧ୍ୟ କାହିଁକି ଯେ ତାଙ୍କୁ ବାରମ୍ୱାର ଭୋଟ୍ ଦେଇ କ୍ଷମତାସୀନ କରୁଛନ୍ତି ତାହା ବିଡ଼ମ୍ବନାର ବିଷୟ ବୋଲି କହିଥିଲେ । ଶୋଭାଯାତ୍ରାରେ ପିସିସି ପର୍ଯ୍ୟବେକ୍ଷକ ଚିନ୍ମୟ ସୁନ୍ଦର ଦାସ, ବିଶ୍ୱଜିତ ଦାସ, ବରିଷ୍ଠ ନେତା ନିଶାକର ସାହୁ, ପରେଶ ମିଶ୍ର, ସରୋଜ ଶତପଥୀ, ବିଶ୍ୱଜିତ୍ ପଣ୍ଡା, ସ୍ମିତାରାଣୀ ସାମଲ, ବିନୟ କୁମାର ସାହୁ, ସମ୍‌ସିଦା ତାୟବ, ଜିଲା ଯୁବ ଉପସଭାପତି ସୌମ୍ୟରଞ୍ଜନ ପ୍ରଧାନ, ବିଶ୍ୱଭୂଷଣ ନାୟକ, ହାପି କୁମାର ସାହୁ, ପ୍ରିୟବ୍ରତ ସାମଲ, ଗୟାରାମ ସେଠୀ, ଉର୍ମିଳା ଦାସ, ଶାନ୍ତନୁ ସାହୁ, ଅବିନାଶ ପଣ୍ଡା, ସୌମ୍ୟା ନାୟକ ପ୍ରମୁଖ ଯୋଗଦେଇ ପ୍ରତିବାଦର ସ୍ୱରକୁ ଶାଣିତ କରିଥିଲେ । ଶେଷରେ ବେଣୁଧର ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।


କଂଗ୍ରେସ ପକ୍ଷରୁ ମଶାଲ ଶୋଭାଯାତ୍ରା କରାଯାଇଛି ।

